## ରେଳ ଧାରଣାରୁ ମୃତଦେହ ଜବତ

ବଇଣ୍ଡା, ୨୬।୯ (ପରିକ୍ଷିତ ସାହୁ):

କିଶୋରନଗର ବ୍ଲକ ସରିଗିପାଲି ନିକଟସ୍ଥ ରେଳ ଧାରଣା ପରିସରରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ରେଢାଖୋଲ ରେଲୱେ ପୋଲିସ ଜବତ କରିଛି। ମୃତକଙ୍କ ନାମ ନେପାଳ ପ୍ରଧାନ (୭୭) ଓ ତାଙ୍କ ଘର ବଲାଙ୍ଗୀର ଜିଲାରେ ବୋଲି ଜଣାପଡିଛି। ନେପାଳ ପୁରୀ-ଦୁର୍ଗ ଏକ୍ସପ୍ରେସରେ ମଙ୍ଗଳବାର ରାତିରେ ଆସୁଥିବା ବେଳେ ଟ୍ରେନରୁ ଖସି ପଡ଼ିଥିଲେ। ସେ ନିଖୋଜ ଥିବା ସମ୍ବଲପୁର ରେଳବାଇ ପୋଲିସ ନିକଟରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଗୁରୁବାର ରେଳ ଧାରଣାରେ ମୃତଦେହ ପଡିଥିବା ଖବରପାଇ ରେଢାଖୋଲ ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜନ୍ମ ପୂର୍ବରୁ ଆଖି ବୁଜିଲା ଶିଶୁ

### ଚିକିତ୍ସାରେ ଅବହେଳା ଅଭିଯୋଗ

ଢେଙ୍କାନାଳ,୨୬।୯(ରତନ ନାୟାର)



ଚିକିତ୍ସାରେ ଅବହେଳା ନେଇ ପ୍ରସୂତିଙ୍କ ସ୍ୱାମୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଚିକିତ୍ସାରେ ଅବହେଳା ଯୋଗୁ ଭୁଲ ଇଞ୍ଜେକ୍ସନ ଦେବାରୁ ଜନ୍ମ ପୂର୍ବରୁ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଖମାର ଗ୍ରାମର ସ୍ୱାଗତିକା ମାଟିଆ ନାମକ ଜଣେ ମହିଳାଙ୍କର ପ୍ରସବ ବେଦନା ହେବାରୁ ତାଙ୍କୁ ବୁଧବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ଗୋଟିଏ ଇଞ୍ଜେକ୍ସନ ଦେଇଥିଲେ। ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଆଉ କୌଣସି ଚିକିତ୍ସା କରିନଥିଲେ। ପ୍ରସୂତୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ରୋଗୀକୁ ଦେଖିବା ପାଇଁ ବାରମ୍ବାର ଡାକିଥିଲେ ମଧ୍ୟ ପାଲଟା ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଡାକ୍ତରମାନେ ଖରାପ ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଶେଷରେ ବାଧହୋଇ ପ୍ରସୂତୀ ମହିଳାଙ୍କ ସ୍ୱାମୀ ଦୀପକ କୁମାର ଦାସ ସ୍ୱାଗତିକାଙ୍କୁ ନେଇ ଏକ ଘରୋଇ ନର୍ସିଂ ହୋମରେ ଦେଖାଇବା ପରେ ଶିଶୁଟିର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତୀ ବିଭାଗରେ ଚିକିତ୍ସାରେ ଅବହେଳା ଓ ଭୁଲ ଇଞ୍ଜେକ୍ସନ ଦେଇଥିବାରୁ ଶିଶୁଟିର ମୃତ୍ୟୁ ଘଟିଥିବା ପ୍ରସୂତୀ ସ୍ୱାଗତିକା ଓ ତାଙ୍କ ସ୍ୱାମୀ ଦୀପକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ଚିକିତ୍ସାଳୟରେ ଅବହେଳା ହୋଇଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ହାଇଡ୍ରୋସିଲ ରୋଗୀଙ୍କ ଅସ୍ତ୍ରୋପଚାର ଶିବିର



ରାସୋଳ,୨୬।୯(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳରେ ଗୁରୁବାର ଫାଇଲେରିଆ ରୋଗୀଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ଏହି ସ୍ୱାସ୍ଥ୍ୟ ଶିବିରରେ ସର୍ଜରୀ ବିଶେଷଜ୍ଞ ଡା. ସଂକଳ୍ପ କେଶରୀ ଭୋଳ, ଆନାସ୍ଥେସିଆ ବିଶେଷଜ୍ଞ ଡା. ଆପୋଲ ଦାସ, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ମିଶ୍ର, ଜିଲା ଭେକ୍ଟରବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୧ଜଣ ରୋଗୀଙ୍କ ମାଗଣାରେ ଅସ୍ତ୍ରୋପଚାର କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଭେକ୍ଟରବାହିତ ରୋଗ ପରିଦର୍ଶକ ସୁନିଲ କୁମାର ମହାପାତ୍ର, ଫାର୍ମାସିଷ୍ଟ କାଳିଦାସ ମାଣ୍ଡି, କୋଷାଧକ୍ଷ ଆଶୁତୋଷ ମହାପାତ୍ର, ଅମିୟ କୁମାର ପ୍ରଧାନ, ସୁବାଶିଷ ଦାସ, ପତିତପାବନ ସାମଲ, ଚନ୍ଦନ ନାୟକ, ଦିବାକର ନାୟକ ଓ କାହ୍ନୁ ଗୋଛାୟତ ପ୍ରମୁଖ ସହଯୋଗ କରିଥଲେ।

## ଭାଜପାର ସଦସ୍ୟତା ଅଭିଯାନ, ଚାରାରୋପଣ



ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଭାଜପା କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨୬।୯(ରତନ ନାୟାର)

ମହାନ ଜନନାୟକ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ଅବସରରେ ବୁଧବାର ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ସଦସ୍ୟତା ଅଭିଯାନ ଓ ଚାରାରୋପଣ କରାଯାଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶଙ୍କରପୁର ପଞ୍ଚାୟତର ପାମାଳ ଗ୍ରାମରେ ଯୋଗଦେଇ ଦୀନଦୟାଲଜୀଙ୍କ ଜୀବନୀ, ଦର୍ଶନ ଓ ରାଜନୈତିକ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯିବା ସହ ସଦସ୍ୟତା ଅଭିଯାନରେ ଜନସାଧାରଣ, ଯୁବକ, ଯୁବତୀଙ୍କୁ ଦଳରେ ସାମିଲ୍ ହୋଇଥିଲେ। ସେହିପରି ପଞ୍ଚାୟତର ରତନପୁର, ବାଲ୍ୟାମ୍ବା ପଞ୍ଚାୟତର ଅଉଖମା, ଲମ୍ବୋଦରପୁର ପଞ୍ଚାୟତର ଗୋହିରାଖାଲ, କାଙ୍କଡପାଳ ପଞ୍ଚାୟତର ନରଣପୁର, ଢେଙ୍କାନାଳ ନଗରମଣ୍ଡଳର ବନମାଳୀ ପ୍ରସାଦ, ମାଣ୍ଡପାସାହି, ଗଁଦିଆର ଯୋରନ୍ଦା, କାଲୁରିଆ, ବଦୁରିଆ, ବରଦା ଓ ପିଙ୍ଗୁଆ ଗ୍ରାମରେ ସଦସ୍ୟତା ଅଭିଯାନ କରିବା ସହ ବହୁ ସ୍ଥାନରେ ଚାରାରୋପଣ କରିଥିଲେ। ଶେଷରେ ଷଡଙ୍ଗୀ ଠାରେ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗଦେଇ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ବିଷ୍ଣୁପ୍ରସାଦ ଲେଙ୍କା, ଜିଲା ସାଧାରଣ ସଂପାଦକ ରତିକାନ୍ତ ସାହୁ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, କୋଦଣ୍ଡଧର ସାହୁ, ହର୍ଷବର୍ଦ୍ଧନ ସିଂହଦେଓ, ଯୁବମୋର୍ଚ୍ଚା ଜିଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମମତା ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ସନ୍ତୋଷ ରାଉତ, ରୁଦ୍ର ନାରାୟଣ ତ୍ରିପାଠୀ, ଧ୍ରୁବଚରଣ ସ୍ୱାଇଁ, ଧ୍ରୁବଚରଣ ରାଉତ, ପଦ୍ମଭୂଷଣ ସାହୁ, ସୂର୍ଯ୍ୟପ୍ରତାପ ସାହୁ, ଲଳିତ ଦାସ, ପ୍ରଦୀପ ଦାସ, କ୍ଷେତ୍ରବାସୀ ସାହୁ, ପ୍ରତ୍ୟୁଷ ହରି ପ୍ରଧାନ, ଶତ୍ରୁଘ୍ନ ରାଉତ, ନିର୍ମଳ ବିହାରୀଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଉପଯୁକ୍ତ ପୋଷଣ, ସୁସ୍ଥ ଜୀବନ ବିଷୟରେ ବିତର୍କ

ଢେଙ୍କାନାଳ,୨୬।୯(ରତନ ନାୟାର)



ଉପଯୁକ୍ତ ପୋଷଣ ଓ ସୁସ୍ଥ ଜୀବନ ବିଷୟରେ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା।

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ ପୋଷଣ ମାସ ଅଭିଯାନ ଉପଲକ୍ଷେ ଉପଯୁକ୍ତ ପୋଷଣ ଓ ସୁସ୍ଥ ଜୀବନ ବିଷୟରେ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆବାହକତ୍ୱରେ ଆୟୋଜିତ ହୋଇଛି । ଏହି ଅବସରରେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ସଂସ୍କୃତ ଶିକ୍ଷକ ଦିପ୍ତିଶ କୁମାର ଶତପଥୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ସମସ୍ତେ ଉପଲବ୍ଧି କରିବା ସହିତ ଉପଯୁକ୍ତ ପୋଷଣ ଓ ସୁସ୍ଥ ଜୀବନ ସମ୍ପର୍କରେ ଜନ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କର ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ.ରବିନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶିଳ୍ପୀ ଚତୁର୍ଭୁଜ ପ୍ରଧାନ, କଳା ଶିକ୍ଷକ ଅଭିନବ ବରାଳ ଓ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କଳା ଶିକ୍ଷକ ରଶ୍ମିରଞ୍ଜନ ସାହୁ ପ୍ରମୁଖ ପ୍ରତିଯୋଗିତାର ଗୁଡ଼ିକରେ ବିଚାରକ ଭାବେ ରହିଥିଲେ। ବିତର୍କରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗଁଦିଆର ୧୦ମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ରାଉତ ପ୍ରଥମ, ବ୍ରଜନାଥ ବଡଜେନା ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ସାଇସ୍ନେହା ବେହେରା ଦ୍ୱିତୀୟ ଓ ସୁଶ୍ରୀ ସାଗରିକା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଡ୍ରଇଁ ପ୍ରତିଯୋଗିତାରେ ବ୍ରଜନାଥ ବଡଜେନା ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ସାଇକ୍ରିଷ୍ଣା ସ୍ୱାଇଁ ପ୍ରଥମ, ୮ମ ଶ୍ରେଣୀ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ଦ୍ୱିତୀୟ ଓ ଆୟୁଷ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରି ଅପରାହ୍ନରେ ପୁରୁଣା ଜିଲା ପରିଷଦ ହଲଠାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ପୁରସ୍କୃତ ହୋଇଥିଲେ ।

## ଢେଙ୍କାନାଳ କଲେଜରେ କ୍ୟାମ୍ପସ୍ ଡ୍ରାଇଭ୍




ଢେଙ୍କାନାଳ,୨୬।୯(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାରିୟର କାଉନସେଲିଂ ଆଣ୍ଡ୍ ପ୍ଲେସମେଣ୍ଟ ସେଲ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ନିଯୁକ୍ତି ଶିବିର ନୂତନ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ବ୍ୟାକିଙ୍ଗ୍ କ୍ଷେତ୍ରରେ କୌଶଳ ବୃଦ୍ଧିର ଆଲୋକପାତ କରିଥିଲେ । କ୍ୟାରିୟର କାଉନସେଲିଂ ଆଣ୍ଡ ପ୍ଲେସମେଣ୍ଟ ସେଲ ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପିକା ସୁମିତ୍ରା ବେହେରା, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିଯୁକ୍ତି ବୃଦ୍ଧି ନିମନ୍ତେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟଦକ୍ଷତା କର୍ମଶାଳା ଆୟୋଜନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ଆଇସିଆଇସିଆଇ ବ୍ୟାଙ୍କର ମାନବ ସମ୍ବଳ ଅଧିକାରୀ ବିପୁଳ ଶର୍ମା ଓ ସନ୍ଦିପ କୁମାର ନିଯୁକ୍ତି ଆଶାୟୀମାନଙ୍କୁ ମନୋନୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ୫୫ରୁ ଊର୍ଦ୍ଧ୍ୱ ସ୍ନାତକ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୧ଜଣ ଆଶାୟୀ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ । ଅଧ୍ୟାପକ ଡ. ଦେବରାଜ ପରିଡା, ଅଧ୍ୟାପିକା ଡ. ସୁଜାତା ସାହୁ, ସସ୍ମିତା ସାହୁ, ଚିତ୍ରାଞ୍ଜଳି ଜେନା, ସୁବାଶିଷ ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା କଳ୍ପନା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ସେବା ଲୋକାର୍ପିତ

### ଜିଲାସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଶୁଭାରମ୍ଭ

ଢେଙ୍କାନାଳ,୨୬।୯(ରତନ ନାୟାର)



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସିଟିସ୍କାନ ବ୍ୟବସ୍ଥାକୁ ଲୋକାର୍ପିତ କରୁଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଅଭିଯାନକୁ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁଭାରମ୍ଭ କରିଛନ୍ତି । ଏହି ଟିକାକରଣ କାର୍ଯ୍ୟକ୍ରମରେ ଜିଲାର ୧୮ବୟସରୁ ଊର୍ଦ୍ଧ୍ୱ, ପୂର୍ବ ଓ ବର୍ତ୍ତମାନର ଯକ୍ଷ୍ମା ରୋଗୀ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, କୁପୋଷଣ ବ୍ୟକ୍ତି, ଧୂମ୍ରପାନ କରୁଥିବା ବ୍ୟକ୍ତି ଓ ମଧୁମେହ ଆକ୍ରାନ୍ତ ବ୍ୟକ୍ତଙ୍କୁ ଏହି ପ୍ରତିଷେଧକ ଟିକା ପ୍ରଦାନ କରାଯିବ। ଗୁରୁବାରଠାରୁ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କାର୍ଯ୍ୟକ୍ରମ ୩ମାସ ଧରି ଚାଲିବ। ଜିଲାରେ ପଞ୍ଜୀକୃତ ହୋଇଥିବା ୧ଲକ୍ଷ ୮୦ହଜାର ବ୍ୟକ୍ତିଙ୍କୁ ଏହି ଟିକା ଦିଆଯିବ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡ଼ରେ ସ୍ପନ୍ଦନ ଡାଇଗୋନିଷ୍ଟ ଏଜେନ୍ସି ଦ୍ୱାରା ପରିଚାଳିତ ସିଟି ସ୍କାନ ସେବା ବ୍ୟବସ୍ଥାକୁ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକାର୍ପିତ କରିଥିଲେ। ମୁଖ୍ୟ ଚିକିତ୍ସାଳୟରେ ହେବାକୁ ଥିବା ଏହି ମାଗଣା ସିଟି ସ୍କାନ ଦ୍ୱାରା ଜିଲାବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର ଓ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦ ବିଜୟୀ



### ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ

ଢେଙ୍କାନାଳ,୨୬।୯(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦ ଟାଇବ୍ରେକରରେ ୫-୪ ଗୋଲରେ ଢେଙ୍କାନାଳ ଫୁଟବଲ ଏକାଡେମୀକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ଉଭୟ ଦଳ ମଧ୍ୟକ୍ଷରେ ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ଅମିମାଂସିତ ରହିବାରୁ ଟାଇବ୍ରେକର ରହିଥିଲା । ଏହି ମ୍ୟାଚକୁ ରେଫରି ଦିଗବିଜୟ ଦାସ, ମହେଶ ପ୍ରଧାନ, ମନୋଜ କୁମାର ସେଠି, ଅମୁଲି କୁମାର ସାମଲ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ପର୍ଶୁରାମ ମିଶ୍ର ଓ ସରୋଜ ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ କ୍ରୀଡ଼ାବିତ ଶେଷଦେବ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡା ସଂଗଠକ ଇଂ ଅଶୋକ କୁମାର ଦାସ ଯୋଗଦେଇଥିଲେ ବୋଲି ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।

## ସ୍କୁଲ୍ ଆସୁନାହାନ୍ତି ପ୍ରଧାନଶିକ୍ଷକ, ଗ୍ରାମବାସୀଙ୍କ ପ୍ରତିବାଦ

ପରଜଙ୍ଗ, ୨୬।୯ (ନିଗମାନନ୍ଦ ଦଳବେହେରା)




ବିଦ୍ୟାଳୟକୁ ଆସୁନାହାନ୍ତି ପ୍ରଧାନଶିକ୍ଷକ। ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର। ଏପରି ଘଟଣା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ କୁମୁସି ସେବାଶ୍ରମ ବିଦ୍ୟାଳୟରେ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୫ଜଣ ପିଲା ପାଠ ପଢୁଥିବା ବେଳେ ଜଣେ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ଅଛନ୍ତି। କିନ୍ତୁ ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ବିଦ୍ୟାଳୟକୁ ଅନେକ ସମୟରେ ଆସୁ ନ ଥିବା ବେଳେ ସହକାରୀ ଶିକ୍ଷକ ମନଇଛା ବିଦ୍ୟାଳୟକୁ ଆସୁଛନ୍ତି । ଫଳରେ ବିଦ୍ୟାଳୟରେ ପାଠପଢା ବ୍ୟାହତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ କ'ଣ ପାଇଁ ଆସୁନାହାନ୍ତି ସେ ଜାଣି ନ ଥିବା କହିଛନ୍ତି। ତେବେ ସରକାରୀ ସ୍ତରରେ ସମ୍ପୃକ୍ତ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର



ଢେଙ୍କାନାଳ,୨୬।୯(ରତନ ନାୟାର)

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ବିଆଇଇଟି କଲେଜରେ ଗୁରୁବାର ଏସିଡ୍ ଆକ୍ରମଣ, ସାଇବର ଲ' ଏବଂ ସୋସିଆଲ ମିଡିଆର ନିରାପତ୍ତା ଭାବରେ ବ୍ୟବହାର ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଆଇନସେବା ପ୍ରାଧିକରଣ ସଚିବ ମମିତା ସାହୁ ଅଧକ୍ଷତା କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ବିଚାରପତି ଶତରୁପା ଶତପଥୀ, ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ, ଜିଲା ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପ୍ରମୁଖ ଯୋଗଦେଇ ଏସିଡ୍ ଆକ୍ରମଣ, ସାଇବର ଆଇନ ଓ ସୋସିଆଲ ମିଡିଆର ନିରାପଦ ବ୍ୟବହାର ଏବଂ ତତସଲଗ୍ନ ବିଭିନ୍ନ ଆଇନର ଦିଗ ଉପରେ ଆଲୋକପାତ କରିବା ସହିତ ବିଆଇଇଟି କଲେଜର ଶତାଧିକ ଛାତ୍ରୀଛାତ୍ରଙ୍କୁ ସଚେତନତାର ବାର୍ତ୍ତା ଜଣାଇଥିଲେ। ପ୍ରାଧିକରଣ ସଚିବ ମମିତା ସାହୁ ବିଭିନ୍ନ ଅପରାଧରେ ଶିକାର ହେଉଥିବା ପୀଡ଼ିତାମାନଙ୍କୁ କ୍ଷତିପୂରଣ ମିଳିବା ଓ ତତ୍ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ କଲେଜର ପ୍ରତିଷ୍ଠାତା ତାରା ପ୍ରସନ୍ନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଜିଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥଲେ ।

## କାମାକ୍ଷାନଗରଠାରେ ମୋ ଢେଙ୍କାନାଳ ମହୋତ୍ସବ

ଢେଙ୍କାନାଳ/ କାମାକ୍ଷାନଗର, ୨୬।୯(ରତନ ନାୟାର/ସୁଧୀର ପରିଡ଼ା)



ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ 'ମୋ ଢେଙ୍କାନାଳ' ଡିଜିଟାଲ ଚ୍ୟାନେଲର ୬ଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ଲକସ୍ତରୀୟ 'ମୋ ଢେଙ୍କାନାଳ ମହୋତ୍ସବ ୨୦୨୪ 'ମୋ ପ୍ରତିଭା ମୋ ପରିଚୟ' ସାଂସ୍କୃତିକ ଓ ଶିକ୍ଷାଭିତ୍ତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଏନଏସି ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସ୍କୁଲର ପ୍ରାୟ ୩୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକ ରୂପେ ବିଜୟ କୁମାର ମିଶ୍ର, ସସ୍ମିତା ମାଝୀ, ମମତା ମହନ୍ତଙ୍କ ସମେତ ବରିଷ୍ଠ ସଦସ୍ୟସଦସ୍ୟା ଯୋଗଦେଇ ପ୍ରତିଭାର ମୂଲ୍ୟାଙ୍କନ କରି ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ କୃତି ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଏହି ବ୍ଲକସ୍ତରୀୟ ମହୋତ୍ସବକୁ କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ଖବରଦାତା ସୁଧୀର କୁମାର ପରିଡ଼ା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଏବଂ ପ୍ରତିଷ୍ଠାତା ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଉଦଘାଟନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ କାମାକ୍ଷାନଗର ବାର ଆସୋସିଏଶନ ସଭାପତି ଧର୍ମାନନ୍ଦ ମଲ୍ଲିକ, ସମାଜସେବୀ ଦିଲ୍ଲୀପ କୁମାର ଷେଣ୍ଢ ପ୍ରମୁଖ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେଶନର ଅଧକ୍ଷ ଇଂ. ସୌମ୍ୟବ୍ରତ ସାହୁ 'ମୋ ଢେଙ୍କାନାଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅମିତା ଘଡେଇ, ବିଷୟାବତି ମହାନ୍ତି, ସ୍ମିତାଞ୍ଜଳି ସାମଲ, ଭାରତୀ ପରିଡା, ଅଶେଷ କୁମାର ମାର୍ଥା, କୈକେୟୀ ଦେହୁରୀ ଗୁରୁଦେବଜୀ ଫାଉଣ୍ଡେଶନର ପ୍ରତାପ ନାଏକଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷା ଅଧିକାରୀଙ୍କ ସହ ବୈଠକ ବିଫଳ



ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଗ୍ରାମବାସୀ ବୈଠକରେ ଉପସ୍ଥିତ ଅଛନ୍ତି।



ଗ୍ରାମ କୋଠଘରେ ଚାଲିଛି ପାଠପଢ଼ା।

■୪ ଦିନ ହେଲା ପିଲାଙ୍କୁ ସ୍କୁଲ ଛାଡୁନାହାନ୍ତି ଅଭିଭାବକ
■ଗ୍ରାମ କୋଠଘରେ ଚାଲିଛି ପାଠପଢ଼ା
■ଶିକ୍ଷକ ବଦଳି ସହ ଅର୍ଥ ହଡ଼ପ ଅଭିଯୋଗର ତଦନ୍ତ ଦାବି

**ବଇଣ୍ଡା, ୨୬।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ଦାବିକୁ ନେଇ ବିବାଦ ତେଜିବାରେ ଲାଗିଛି। ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ସହ ୪ ନୂଆ ଶିକ୍ଷକ ପଦବୀ ପୂରଣ ଓ ବିଦ୍ୟାଳୟ ଅର୍ଥ ହଡପ ଅଭିଯୋଗର ତଦନ୍ତ ଦାବିକରି କୃତ୍ତିବାସପୁର ଗ୍ରାମବାସୀ ୪ ଦିନ ହେଲା ପିଲାଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଗତ ସୋମବାର ଠାରୁ ଗ୍ରାମ କୋଠଘରେ ବସି ପାଠ ପଢୁଛନ୍ତି। ଘଟଣାର ସମାଧାନ ପାଇଁ ଗୁରୁବାର ଶିକ୍ଷା ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ ବୈଠକ ବିଫଳ ହୋଇଛି।

ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଢୀଙ୍କ ସଭାପତିତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଜୟନ୍ତ କୁମାର ସାହୁ, ଏବିଇଓ କୈବଲ୍ୟ କଅଁର, ସିଆର୍‌ସିସି ମାନସ ରଞ୍ଜନ ପ୍ରଧାନ, ଗ୍ରାମ ସଭାପତି ଅନାଦି ଚରଣ ସାହୁ, ଉପସଭାପତି ଶରତ ଚନ୍ଦ୍ର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ବୈଲୋଚନ ସାହୁ, ଈଶ୍ୱର ସାହୁ, ନବୀନ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଘନଶ୍ୟାମ ସେଠୀଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମବାସୀ କହିଥିଲେ, ଦୀର୍ଘ ୨୨ ବର୍ଷ ହେବ ଶିକ୍ଷକ ରଞ୍ଜିତ ଦେହୁରୀ ଏଠାରେ ପଢାଉଛନ୍ତି। ସେ ଠିକ୍ ଭାବେ ବିଦ୍ୟାଳୟକୁ ଆସୁନାହାନ୍ତି। ପୂର୍ବରୁ ବିନା ଦରଖାସ୍ତରେ ଅନେକ ସମୟରେ ଅନୁପସ୍ଥିତ ରହିବା ସହ ଶିକ୍ଷାଦାନରେ ଅବହେଳା କରୁଛନ୍ତି। ତାଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ପଠାଇବେ ନାହିଁ ବୋଲି ଗ୍ରାମବାସୀ ଦାବି ରଖିଥିଲେ। ଏହାପୂର୍ବରୁ ମଙ୍ଗଳବାର ଏବିଇଓ ଧରଣୀଧର ସେଠୀ, ସିଆର୍‌ସିସି ମାନସ ରଞ୍ଜନ ପ୍ରଧାନ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପିଲା ବିଦ୍ୟାଳୟକୁ ଯିବେ ନାହିଁ ବୋଲି ଗ୍ରାମ ସଭାପତି ଅନାଦି ଚରଣ ସାହୁ କହିଛନ୍ତି। ସ୍କୁଲର ୩ ଜଣ ଛାତ୍ରୀଛାତ୍ର ମଧ ଶିକ୍ଷକଙ୍କ ନାମରେ ବିଇଓଙ୍କ ଠାରେ ଅଭିଯୋଗ କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଢୀ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଗ୍ରାମବାସୀଙ୍କୁ ବୈଠକରେ ଅନୁରୋଧ କରାଯାଇଥିଲା। ହେଲେ ବୈଠକରେ କୌଣସି ସୁଫଳ ମିଳିଲା ନାହିଁ। ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

**ଆଠମଲ୍ଲିକ,୨୬।୯(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ବକ୍ତୃତା, ବିତର୍କ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଂଗୀତ ମାଧମରେ ପୁଷ୍ଟିକର ଖାଦ୍ୟ, ନାରୀ ଶିକ୍ଷା, ବାଲ୍ୟ ବିବାହ, ଚାରା ରୋପଣ, କୃଷି ଉପରେ ବିଭିନ୍ନ ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାହୁକଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ବସନ୍ତ ବଘାର, ଉଦୀପ୍ତ ପୁରୋହିତ ଓ କମଳାକାନ୍ତ ମିଶ୍ର, ପରିଚାଳନା କମିଟି ସଭାପତି ଭୁବନ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ସୁଜିତ କୁମାର ସାହୁ, ଶିକ୍ଷକ ଶ୍ରବଣ ବେହେରା, ଅନିଲ କୁମାର ପ୍ରଧାନ, ରଞ୍ଜିତ ନାଏକ, ନିରାକାର ମେହେର, ସତ୍ୟ ନାରାୟଣ ମେସୁଆ, ହେମନ୍ତ ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ଦାମ ବେହେରା ଓ ପ୍ରଧାନ ଶିକ୍ଷକ ବାହୁକ ସଂଯୋଜନା କରିଥିଲେ। ଶିକ୍ଷକ ନିରାକାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ଏନ୍‌ଟିପିସି କଣିହାଁରେ ସିଏସ୍‌ଆର୍ ହିତାଧିକାରୀ ସମ୍ମିଳନୀ

**ତାଳଚେର,୨୬।୯ (ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର କଣିହାଁରେ ସିଏସ୍‌ଆର୍ ହିତାଧିକାରୀ ସମ୍ମିଳନୀ ଆଞ୍ଚଳିକ ଲର୍ଣ୍ଣିଂ ଇନ୍‌ଷ୍ଟିଚ୍ୟୁଟ ପିଟିଏସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଜିଗୋଳ, ଡେରେଙ୍ଗ, ଗଦାଶିଳା, କଣିହାଁ, ହରିହରପୁର ଏବଂ କମରେଇ ସରପଞ୍ଚଙ୍କ ସମେତ ବିଭିନ୍ନ ହିତାଧିକାରୀ ଓ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ଗ୍ରାମ ସଭାପତି, ସମ୍ପାଦକ ଅଂଶଗ୍ରହଣ କରିଥିଲେ। ନିକଟସ୍ଥ ଗ୍ରାମଗୁଡିକ ଆବଶ୍ୟକ କରୁଥିବା ବିକାଶ ଉପରେ ଏକ ବିସ୍ତୃତ ଆଲୋଚନା, ଚାଲୁଥିବା ସିଏସ୍‌ଆର୍ କାର୍ଯ୍ୟକ୍ରମର ପ୍ରଭାବ ଆକଳନ କରିବା ଏବଂ ପ୍ରତ୍ୟେକ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଆବଶ୍ୟକତା ବୁଝିବା ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା। ଏଥିସହିତ ଉକ୍ତ ଆବଶ୍ୟକତା, ଆକାଂକ୍ଷା ପୂରଣ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ପ୍ରକଳ୍ପ ମୁଖ୍ୟ ଏ. କେ. ସେହଗଲ, ଏନ୍‌ଟିପିସି କଣିହାଁ ହିତାଧିକାରୀମାନଙ୍କୁ ସେମାନଙ୍କ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ବୈଠକରେ କଣିହାଁ ବ୍ଲକ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ଜିଏମ୍ (ଓଆଣ୍ଡଏମ୍)ସତ୍ୟ ରାମାକ୍ରୀଷ୍ଣା, ଏଚ୍‌ଆର୍ ମୁଖ୍ୟ ନବନୀତ କୁମାର, ଏଜିଏମ୍ (ଇଏମ୍‌ଡି) ମନୋରଞ୍ଜନ ପାଣିଗ୍ରାହୀ, ଏଜିଏମ୍ ଏଚ୍‌ଆର୍ ସୁଜିତା ରଥ, କଣିହାଁ ବ୍ଲକ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ, ଏବିଇଓ, ସିଡିପିଓ ଏବଂ ଏନ୍‌ଟିପିସି ଅଧିକାରୀଗଣ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ପୁରୁଣା ପେନସନ ଲାଗୁ ପାଇଁ ଦାବିପତ୍ର

**ଅନୁଗୋଳ,୨୬।୯ (ଜ୍ୟୋତିରଞ୍ଜନ ସାହୁ)**

ପୁରୁଣା ପେନସନ ଯୋଜନା ଲାଗୁ କରିବା ପାଇଁ ଏନ୍‌ଏମ୍‌ଓପିଏସ୍ କର୍ମକର୍ତ୍ତାମାନେ ଗୁରୁବାର ଅନୁଗୋଳ ସହରରେ ଏକ ଶୋଭାଯାତ୍ରା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ୪୦ ବର୍ଷ ସରକାରଙ୍କ କାର୍ଯ୍ୟ କରିବା ପରେ ନୂତନ ପେନସନ ନିୟମ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀମାନେ ବହୁତ ସମସ୍ୟାରେ ପଡୁଛନ୍ତି। ସରକାର ନୂତନ ପେନସନ ଯୋଜନା ଲାଗୁ କରିବା ଫଳରେ ଅବସରପ୍ରାପ୍ତ କର୍ମଚାରୀ ଶୋଷଣର ଶିକାର ହେଉଛନ୍ତି। ପେନସନ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଧିକାର ବୋଲି କୁହାଯାଉଥିବା ବେଳେ ପୁରୁଣା ପେନସନରୁ ସେମାନଙ୍କୁ ବଞ୍ଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଭାରତବର୍ଷର ବିଭିନ୍ନ ରାଜ୍ୟ ଯଥା ରାଜସ୍ଥାନ, ଛତିଶଗଡ, ଝାଡ଼ଖଣ୍ଡ, ପଞ୍ଜାବ ସରକାର ସରକାରୀ କର୍ମଚାରୀଙ୍କ ଆବେଗକୁ ବିଚାର କରି ନୂତନ ପେନସନ ଯୋଜନାକୁ ଉଚ୍ଛେଦ ସହ ପୁରଣା ପେନସନ ଯୋଜନା ଲାଗୁ କରିଛନ୍ତି। ସରକାର ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର ଓ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




# ୧୦୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବଇଣ୍ଡା, ୨୬।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ପରିସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ ୧୦୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିନାମୂଲ୍ୟରେ ଔଷଧ ଯୋଗାଇ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର ବାମଦେବ ପ୍ରଧାନ, ଦୁଷ୍ମନ୍ତ କୁମାର ଦେହୁରୀ, ସରୋଜ କୁମାର ସାହୁ, ମନୀଷା ତ୍ରିପାଠୀ, ନାରାୟଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।




ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ



**ଅନୁଗୋଳ, ୨୬।୯ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ସମାଜସେବୀ ମହାସଂଘ ତରଫରୁ ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଧିକାରୀ ଶିବାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାରା ଲଗାଇବା ସହ ସମସ୍ତଙ୍କୁ ଚାରା ରୋପଣ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଲିମ୍ବ, କରଞ୍ଜ, ଆମ୍ବ, ଅଶୋକ, ଅଁଳା, ପଣସ ଆଦି ଚାରା ରୋପଣ କରାଯିବା ସହ ତାହାର ଯତ୍ନ ନେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀ ମେଡିକାଲ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ମହାସଂଘ ଆବାହକ ଚିନ୍ମୟୀ ଦାସ ଯୋଗଦେଇ ଜିଲାରେ ବ୍ୟାପକ ଚାରାରୋପଣ କରି ଯତ୍ନ ନିଆଯିବ ବୋଲି କହିଥିଲେ। ସଭାପତି ସୁଧାକର ସାହୁ ଯୋଗଦେଇ ଜିଲାର ମନ୍ଦିର, ଶ୍ମଶାନ, ବିଭିନ୍ନ ଶିକ୍ଷାନୁଷ୍ଠାନ, ପୋଲିସ ବାରାକ, ସହରାଞ୍ଚଳ, ଗ୍ରାମାଞ୍ଚଳରେ ସଫେଇ ସହ ଚାରା ରୋପଣ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ (କାଣ୍ଡସର), ମାନବ ସେବାଶ୍ରମ (ଅନୁଗୋଳ), ଶେଷ ଜୀବନ ସାଥୀ (ବନ୍ଧା), ମା' ଫାଉଣ୍ଡେଶନ (ଚୌଦ୍ୱାର), ମାନବସେବା ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ (ଖଣ୍ଡହତା), କୋହିନୁର କ୍ଲବ (ବଳରାମପ୍ରସାଦ)ର କର୍ମକର୍ତ୍ତାମାନେ ଯୋଗ ଦେଇ ଚାରା ରୋପଣ କରିଥିଲେ।

# ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

**ବଇଣ୍ଡା, ୨୬।୯ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବୈଷ୍ଣବସାହି ଗ୍ରାମରେ ହେବାକୁ ଥିବା ଲକ୍ଷ୍ମୀ ପୂଜା ପାଇଁ ଗୁରୁବାର ମାଟି ଅନୁକୂଳ କରାଯାଇଛି। ଗ୍ରାମବାସୀ ଏକତ୍ର ହୋଇ ଗ୍ରାମ ନିକଟରେ ଥିବା ଏକ ସ୍ଥାନରେ ପୂଜା କରି ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ସଂଗ୍ରହ କରିଥିଲେ। ପୂଜକ ପ୍ରକାଶ ମିଶ୍ର ରୀତିନୀତି ଅନୁସାରେ ପୂଜା କରିବା ପରେ ମାଟି ସଂଗ୍ରହ କରାଯାଇଥିଲା। ପରେ ବିରାଟ ଶୋଭାଯାତ୍ରା କରାଯାଇ ମାଟି ଅଣାଯାଇଥିଲା। ପୂଜା କମିଟିର ବସନ୍ତ କୁମାର ଗଡ଼ନାୟକ, ଚନ୍ଦନ କୁମାର ପ୍ରଧାନ, ସମୀର କୁମର ବେହେରା, ସୌମ୍ୟରଞ୍ଜନ ସାଇଁ, ରତିକାନ୍ତ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଟିକୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ମାଟି ଉଠାଣସ୍ଥଳରେ ପୂଜାର୍ଚ୍ଚନା କରାଯାଉଛି।

# ୨୧ ୱାର୍ଡକୁ ଜଳ ଯୋଗାଣ ବନ୍ଦ

**ଜଳ ବିଶୋଧନାଗାର ଭିତରେ ୬ ଫୁଟରୁ ଅଧିକ ଉଚ୍ଚର ବର୍ଷାପାଣି**

**ତାଳଚେର,୨୬।୯ (ମନୋଜ ନନ୍ଦ):** ଅନୁଗୋଳ ଜିଲା ତାଳଚେର ସହରରେ ବୁଧବାର ପ୍ରବଳ ବର୍ଷା ଯୋଗୁ ଚାରିଆଡ଼େ ଜଳାର୍ଣ୍ଣବ ପରିବେଶ ସୃଷ୍ଟି ହୋଇଥିଲା। କିଛି ଘଣ୍ଟା ମଧ୍ୟରେ ୧୫୫ ମିଲିମିଟର ବର୍ଷା ହୋଇଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ପମ୍ପହାଉସ ଭିତରେ ୬ ଫୁଟରୁ ଅଧିକ ଉଚ୍ଚର ବର୍ଷା ପାଣି ଜମି ରହିଥିଲା। ଏଥିଯୋଗୁ ଜଳ ବିଶୋଧନାଗାରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଓ ଦୂଷିତ ଜଳ ବିଶୋଧନାଗାର ଭିତରେ ପ୍ରବେଶ କରିଥିବାରୁ ଗୁରୁବାର ସହରର ସମସ୍ତ ୨୧ ଗୋଟି ୱାର୍ଡକୁ ଜଳ ଯୋଗାଣ ହୋଇପାରି ନ ଥିଲା। ଫଳରେ ପାଇପ୍ ଜଳ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ବଡ଼ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୁରୁବାର ମଧ ଦିନସାରା ବର୍ଷା ଲାଗି ରହିଥିବା ବେଳେ ପମ୍ପ ଯୋଗେ ବିଶୋଧନାଗାର ପରିସରରୁ ଜଳ ନିଷ୍କାସନ ଚାଲିଛି। ଏହି ଜଳ ନିଷ୍କାସନ ପରେ ଟାଙ୍କି ସଫା କରାଯିବ। ଏହାପରେ ପମ୍ପ ଗୁଡିକ ପରୀକ୍ଷା କରାଯାଇ ଟାଙ୍କିରେ ପାଣି ଭର୍ତ୍ତି କରାଯିବା ସହିତ ଜଳ ଯୋଗାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ଜଳେନ୍ଦ୍ର ଦେବତା ପ୍ରକାଶ କରିଛନ୍ତି।



ପ୍ରବଳ ବର୍ଷାରେ ତାଳଚେର ବଜାରରେ ପାଣି ଜମି ରହିଛି।

# ସଚ୍ଚିଦାନନ୍ଦଙ୍କ ପରଲୋକରେ କଣିହାଁର ବିଭିନ୍ନ ସ୍ଥାନରେ ଶୋକସଭା






ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନଙ୍କ ପାଇଁ ଶୋକବ୍ୟକ୍ତ କରାଯାଉଛି। ସମଲ ଅଞ୍ଚଳର ଖବରଦାତା ଓ ବୁଦ୍ଧିଜୀବୀମାନ କ୍ୟାଣ୍ଡେଲ ଶୋଭାଯାତ୍ରା କରୁଛନ୍ତି।

**ତାଳଚେର,୨୬।୯(ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକର ଧରିତ୍ରୀ ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ ହୋଇଯାଇଥିବାରୁ ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ଶୋକସଭା କରାଯାଇଛି। କଣିହାଁ ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଶୋକସଭାରେ ସଭାପତି ଭୂପେନ ଗଡ଼ନାୟକ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ୍ ସିଦ୍ଧିପ୍ରସାଦ ସାହୁ, ବରିଷ୍ଠ ନାଗରିକ ସୁଧାକର ପ୍ରଧାନ, ପୂର୍ବତନ ସମିତିସଭ୍ୟ ବାବୁଲି ପ୍ରଧାନ, ଯୁବ ସଙ୍ଗଠକ ତଥା ସାମାଜିକ କର୍ମୀ ନିର୍ମଳ ସାହୁ, ବନରକ୍ଷୀ ଦୀପକ ପ୍ରଧାନ, କ୍ଲବ ସାଧାରଣ ସମ୍ପାଦକ ରଞ୍ଜନ କୁମାର ମିଶ୍ର, କୋଷାଧକ୍ଷ ନୀଳକଣ୍ଠ ବେହେରା, ଅଲେଖ ଭୂତିଆ, ଚୁନା ସାହୁ, କଷ୍ଟୁଚରଣ ସାମଲ, ମହେଶ୍ୱର ନାଏକ, ସୁଶିଲ ନାଏକ, ହେମନ୍ତ କୁମାର ପ୍ରଧାନ, ଟିକନ ସାହୁ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଶୋକସଭାରେ ସାମିଲ ହୋଇଥିଲେ। ସେହିପରି ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ସଭାରେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ଓ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, ସୁଧାକର ପ୍ରଧାନ, ଭୂପେନ କୁମାର ଗଡ଼ନାୟକ, ନିର୍ମଳ ସାହୁ, ଅବନୀ ସାହୁ, ସମର ବଲ୍ଲଭ ପ୍ରଧାନ, ନୀଳକଣ୍ଠ ବେହେରା, ଟିଟୁ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବିଜିଗୋଳ ସୁରକ୍ଷା ସଂଘ ସଭାପତି ସୁନନ୍ଦ କୁମାର ସାହୁଙ୍କ ସଭାପତିତ୍ୱରେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ସମଲ ବ୍ୟାରେଜ ଠାରେ ସମଲ ଅଞ୍ଚଳର ଖବରଦାତା ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଶୋକ ପାଳନ କରାଯାଇଥିଲା। ପ୍ରଥମେ ହାଇସ୍କୁଲ ଛକସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ଦୀପ ଦାନ କରାଯାଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ଖବରଦାତା ସୁବାସ ପ୍ରଧାନ, ଶିଶିର ସାମଲ, ରୁଦ୍ର ମୋହନ ଗଡନାୟକ, ବୁଦ୍ଧିମନ୍ତ ସାହୁ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁ, ଲିପକ ମିଶ୍ର, ସୁନୀଲ ସାମଲ, ଦୁଃଶାସନ ସାମଲ, ଅଜିତ ସାହୁ, କ୍ଷେତ୍ରବାସୀ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶୋକପାଳନ କରିଥିଲେ।

